**ଦନ୍ତା ହାତୀର ମୃତଦେହ ଠାବ**

ଭାପୁର, (ରାଜକୁମାର ପ୍ରଧାନ): ଢେଙ୍କାନାଳ ଜିଲା ସଦର ରେଞ୍ଜ ଭାପୁର ବନବିଭାଗ କାର୍ଯ୍ୟାଳୟ ଅନ୍ତର୍ଗତ ଚନ୍ଦ୍ରଶେଖର ପ୍ରସାଦ ଗ୍ରାମ ନିକଟ ମାଟିଆ ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ସୋମବାର ସନ୍ଧ୍ୟାରେ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ବନ କର୍ମଚାରୀମାନେ ମୃତ ହାତୀକୁ ଜଗି ରହିଛନ୍ତି।

# ଜିଲାର ୧ଲକ୍ଷ ୫୫ ହଜାର ୩୨୮ ଚାଷୀ ଲାଭାନ୍ୱିତ



ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ଅତିଥିମାନେ ଦେଖୁଛନ୍ତି।

**ଜିଲାସ୍ତରୀୟ କିଷାନ ସମ୍ମାନ ସମାରୋହ**

ଢେଙ୍କାନାଳ,୨୪।୨(ରତନ ନାୟାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ରାଜ୍ୟର ଭାଗଲପୁରଠାରେ ଆୟୋଜିତ ପିଏମ୍ କିଷାନ ସମ୍ମାନନିଧିର ୬ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେଇ ସୋମବାର ଦେଶର ୯ କୋଟି ୮ଲକ୍ଷ ଚାଷୀଙ୍କୁ ୨୨ ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ସଦର ମହକୁମା ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଜିଲାସ୍ତରୀୟ କିଷାନ ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କୃଷକ କଲ୍ୟାଣ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଜିଲାରେ ଏହି ଯୋଜନା ଅନୁଯାୟୀ ମୋଟ ୧ଲକ୍ଷ ୫ହଜାର ୩୨୮ ଚାଷୀ ଲାଭାନ୍ୱିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନ ବ୍ଲକର ୧୧,୩୭୬, ସଦର ବ୍ଲକର ୧୨,୩୨୨, ଗଁଦିଆ ବ୍ଲକର ୧୪,୦୫୮, ହିନ୍ଦୋଳ ବ୍ଲକର ୧୮,୨୧୩, କାମାକ୍ଷାନଗର ବ୍ଲକର ୧୨,୪୬୫, କଙ୍କଡାହାଡ ବ୍ଲକର ୧୦,୪୧୪, ଓଡାପଡା ବ୍ଲକର ୯,୫୭୧ ଓ ପରଜଙ୍ଗ ବ୍ଲକର ୧୬,୯୦୯ଜଣ କୃଷକଙ୍କ ଖାତାରେ ସିଧାସଳଖ ଅର୍ଥରାଶି ଜମାହୋଇଛି ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥି ଓ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଭାଗଲପୁରଠାରେ ସିଧା ପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଉପସ୍ଥିତ ଥିଲେ। ସେହିପରି ଏମ୍‌ପିଙ୍କ ପ୍ରତିନିଧି ନରେଶଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାମୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ପିଏମ୍ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬ହଜାର ଟଙ୍କା ୩ ଗୋଟି କିସ୍ତି ମାଧ୍ୟମରେ ମିଳିବ ବୋଲି ସୂଚନା ଦିଆଯାଇଥିଲା।

# ପରୀକ୍ଷାରେ କପି କରି ୨ ଜଣ ଧରାପଡ଼ିଲେ

ଢେଙ୍କାନାଳ,୨୪।୨(ରତନ ନାୟାର)

ମାଟ୍ରିକ୍ ପରୀକ୍ଷାରେ ସୋମବାର ଇଂଲିଶରେ କପିକରି ଢେଙ୍କାନାଳ ଜିଲାରେ ୨ଜଣ ଧରାପଡିଛନ୍ତି। ଜିଲାର ପରଜଙ୍ଗ ବ୍ଲକ ମୁକ୍ତାପଶିସ୍ଥିତ ଅଞ୍ଚଳ ହାଇସ୍କୁଲ ଓ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ଜନପ୍ରଭା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨ଜଣ ଧରାପଡ଼ିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ ସ୍କ୍ୱାଡ୍ ୧୪ଟି ପରୀକ୍ଷା କେନ୍ଦ୍ର ଓ ବୋର୍ଡ ସ୍କ୍ୱାଡ୍ ୪ଟି ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରିଥିଲେ। ସେହିପରି ଇଂଲିଶ ପରୀକ୍ଷାରେ ୧୫,୫୧୭ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୫,୨୩୮ଜଣ ଉପସ୍ଥିତ ଥିଲେ। ୨୭୯ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ମଧ୍ୟମାରେ ୮ଜଣଙ୍କ ମଧ୍ୟରୁ ୨ଜଣ ଉପସ୍ଥିତ ଥିବା ବେଳେ ୬ଜଣ ଅନୁପସ୍ଥିତ ରହିଥିଲେ। ଏସ୍‌ଓଏସ୍‌ସିରେ ୩୮ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ସୁପର ଭାଇଜର ଲକ୍ଷ୍ମୀଧର ମହନ୍ତ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ କୃଷକ ସମ୍ମାନ ସମାରୋହ



ଜିଲାସ୍ତରୀୟ କୃଷକ ସମ୍ମାନ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**୧ ଲକ୍ଷ ୨୬ ହଜାର ୮୮୩ ଚାଷୀଙ୍କ ଖାତାକୁ ଟଙ୍କା**

ଅନୁଗୋଳ,୨୪।୨(ମାନସ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ରାଜ୍ୟର ଭାଗଲପୁର ସହର ଠାରେ ଆୟୋଜିତ ପିଏମ୍ କିଷାନ ସମ୍ମାନ ନିଧିର ୬ ବର୍ଷ ପୂର୍ତ୍ତୀ ସମାରୋହରେ ଯୋଗଦେଇ ଦେଶର ୯ କୋଟି ୮ ଲକ୍ଷ ଚାଷୀ ଚାଷୀଙ୍କୁ ୨୨ ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲା ସଭାଘର ଠାରେ ଜିଲାସ୍ତରୀୟ କୃଷକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିହାର ଭାଗଲପୁର ଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଆଭାସି ମାଧ୍ୟମରେ ଯୋଡି ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, ଜିଲାର ୧ଲକ୍ଷ ୨୬ହଜାର ୮୮୩ ଜଣ କୃଷକ ପ୍ରାୟ ୨୫ କୋଟି ୩୭ ଲକ୍ଷ ୬୬ ହଜାର ଟଙ୍କା ଏହି ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ଦେବାଶିଷ ମିଶ୍ର, ସହକାରୀ କୃଷି ନିର୍ଦ୍ଦେଶିକା ପ୍ରଭାତୀ ରାମ, ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରଏଙ୍କ ସମେତ କୃଷି କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ସମ୍ବର୍ଦ୍ଧିତ

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୯୭୫-୮୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ତୃତୀୟ ବାର୍ଷିକ ସମାବେଶ ରବିବାର ଗଜମରାଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ୧୯୮୦ ବ୍ୟାଚ୍‌ର ଛାତ୍ର ଅଦ୍ୱୈତ ଗଡ଼ନାୟକ ନିକଟରେ ଚଳିତବର୍ଷ ପାଇଁ କଳା ଓ ସ୍ଥାପତ୍ୟରେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଏହି ଉପଲକ୍ଷେ ତାଙ୍କୁ ଛାତ୍ରୀଛାତ୍ରମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୀନାକ୍ଷୀ ସିଂ ସାମଲ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଗଡ଼ନାୟକ ପ୍ରସ୍ତର ଶିଳ୍ପ ଠାରୁ ପଦ୍ମଶ୍ରୀ ପର୍ଯ୍ୟନ୍ତ ନିଜ ଜୀବନ ଯାତ୍ରାର ସ୍ମୃତିଚାରଣ କରିଥିଲେ। ଦିଲୀପ ମିଶ୍ରଙ୍କ ଆବାକଦ୍ୱରେ ବୈଠକକୁ ଜ୍ଞାନରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ। ସୂର୍ଯ୍ୟପ୍ରକାଶ ଓ ସାଗରିକା ସଙ୍ଗୀତ ପରିବେଷଣ କରିଥିଲେ। ଅଶୋକ ଦାସ ଓ ଗୁପ୍ତେଶ୍ୱର ମିଶ୍ର ସହଯୋଗ କରିଥିଲେ।



ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଚାର ବିଭାଗୀୟ ତଦନ୍ତ ଦାବି

**କିଟ୍ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା**

ଢେଙ୍କାନାଳ,୨୪।୨(ରତନ ନାୟାର)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାର ବିଚାର ବିଭାଗୀୟ ତଦନ୍ତ ପଇଁ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ୍) ଓ ସମତା କ୍ରାନ୍ତି ଦଳ ସୋମବାର ଦାବି କରିଛନ୍ତି। ଏକ ଅଭାବନୀୟ ଘଟଣା ପରେ ନେପାଳି ଛାତ୍ରୀଛାତ୍ରଙ୍କ ପାଇଁ ସାଇନ-ଡେ ଘୋଷଣା, ମାଡ଼ମାରି କ୍ୟାମ୍ପସରୁ ବସ୍ ଜରିଆରେ ବିଭିନ୍ନ ରେଳ ଷ୍ଟେଶନ ପଠାଇବା, କିଟ୍ କର୍ମଚାରୀମାନ ନେପାଳର ଜିଡିପି ଓ ବଜେଟ୍‌କୁ ନେଇ କଟୁ ଏବଂ ଅପମାନଜନକ ମନ୍ତବ୍ୟ ଦେଇ ଛାତ୍ରୀଛାତ୍ରଙ୍କ ତଡିବା ଦୃଶ୍ୟ ଉଦ୍‌ବେଗଜନକ ବୋଲି ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କୁ ନାମକୁ ମାତ୍ର ଗିରଫ କରି ଜାମିନରେ ଖଲାସ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରକୁ ଆସିଛି। ଏହି ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟ ସର୍ବୋଚ୍ଚ କର୍ତ୍ତୃପକ୍ଷ, ପ୍ରଶାସନ ଓ ପୋଲିସର ମଧୁଚନ୍ଦ୍ରିକା ସ୍ପଷ୍ଟ ହୋଇଛି ନେତୃବୃନ୍ଦ କହିଛନ୍ତି। ତେଣୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ ଭାବେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ, ଡା. ତୁଷାରକାନ୍ତି ନାୟକ, ସିପିଆଇ(ଏମ୍) ଜିଲା ପ୍ରତିନିଧି ସର୍ବଜ୍ଞ ସାହୁ, ସିପିଆଇର ରବି ରଥ ଓ ପ୍ରଫୁଲ୍ଲ କୁମାର ନାୟକ, ସମତା କ୍ରାନ୍ତି ଦଳର ସରୋଜ ଶତପଥୀ, ସିପିଆଇ(ଏମ୍‌ଏଲ)ର ଶ୍ରୀନିବାସ ସାହୁ ପ୍ରମୁଖ ଜଣାଇଛନ୍ତି।



ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

# ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖୁଣ୍ଟଝରୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ମୋଟ ୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ତନ୍ମଧ୍ୟରୁ ୧୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ପାଇଁ ୨ଟି ଓ ରେଡକ୍ରସ୍ ସହାୟତା ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଆବେଦନ ଗ୍ରହଣ କରାଯାଇଥିଲା। ଏଥିପାଇଁ ୧୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ସଦର ଉପଜିଲାପାଳ ବିବୁଧ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ।




ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

# ଜନବିକାଶ କଲ୍ୟାଣ ସଂଘ ତରଫରୁ ଦାବିପତ୍ର



ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୨୪।୨ (ମନୋଜ ନନ୍ଦ)

ତାଳଚେରରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାନୁଷ୍ଠାନ ଏବଂ ଆବାସିକ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସମ୍ବନ୍ଧରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଯିବା ନିମନ୍ତେ ତାଳଚେର ଜନବିକାଶ କଲ୍ୟାଣ ସଂଘ ତରଫରୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଆଖି ଆଗରେ ରଖି ତାଳଚେରରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଗୁଡିକର କାଗଜପତ୍ର ତନଖି ସହିତ ସେଠାରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତ, ଚରିତ୍ରଗତ, ଭୂମିଗତ ପ୍ରମାଣପତ୍ର ଯାଞ୍ଚ ଏବଂ ରହୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ସେବାର ମାନ ପରଖିବା, ଅନଭିଜ୍ଞ ଶିକ୍ଷକଙ୍କୁ ତଦନ୍ତ ପରିସରକୁ ଆଣି ଅଭିଭାବକଙ୍କ ଭୟ ଏବଂ ଆଶଙ୍କା ଦୂର କରିବାକୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଭୂପେନ ଅମ୍ବ, ଦୃମଦ କୁମାର ପ୍ରଧାନ, ଶରତ ଚନ୍ଦ୍ର ଦାସ, ଜିତେନ୍ଦ୍ର ମହାପାତ୍ର, ହିମାଂଶୁ ଶେଖର ମିଶ୍ର ଓ ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ସଂଗ୍ରହରେ ବାଧାସୃଷ୍ଟି ହେଲେ କାର୍ଯ୍ୟାନୁଷ୍ଠାନ ହେଉ

ଢେଙ୍କାନାଳ,୨୪।୨(ରତନ ନାୟାର)/ ଭୁବନ (ବିପିନି ବିହାରୀ ସେଠୀ)

ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ସୋମବାର ଢେଙ୍କାନାଳ ଜିଲାଗସ୍ତରେ ଆସି ଭୁବନ, ମନ୍ଦାର, ଷଡଙ୍ଗୀ ଓ ଗଁଦିଆ ଆଦି ଅଞ୍ଚଳରେ ଧାନମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶା ସରକାର ଧାନ କିଣାରେ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ। ଧାନକିଣା କାରବାରରେ ବିଶୃଙ୍ଖଳା ଓ ବ୍ୟାଘାତ ସୃଷ୍ଟିକାରୀ ମିଲର ଓ କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳଠାରେ ଭେଟି ଧାନମଣ୍ଡି ଓ ଧାନକିଣା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ଧାନକିଣା କାରବାରରେ ବ୍ୟାଘାତ ସୃଷ୍ଟି ହୋଇ ଚାଷୀମାନେ ହଇରାଣ ହରକତ ହେଉଥିବା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଧାନମଣ୍ଡି ପରିଦର୍ଶନ ସମୟରେ ତାଙ୍କ ସହିତ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ଧାନ ସଂଗ୍ରହ କମିଟି ସଦସ୍ୟ ରାମଚନ୍ଦ୍ର ପାତ୍ର, ଭାଜପା ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ଲଳିତ ଦାସ, ଜଗବନ୍ଧୁ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ, ରଥ ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ଚାଷୀ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସହିତ କାର୍ଯ୍ୟକର୍ତ୍ତାମାନେ।

# ୩୧ ଅଭିଯୋଗ ପଞ୍ଜୀକୃତ

ଆଠମଲ୍ଲିକ,୨୪।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଏଡିଏମ୍ ଉଦୟ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପଦ୍ମନାଭ ସାମନ୍ତରାୟ, ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ଉପଜିଲାପାଳ ଡ. ଦିଲୀପ କୁମାର ବେହେରା, ଏସଡିପିଓ ସୁଶାନ୍ତ କୁମାର ତାଉଡ଼ିଆ ମଞ୍ଚାସୀନ ଥିଲେ। ଏହି ଶିବିରରେ ମୋଟ ୩୧ଜଣ ଅଭିଯୋଗକାରୀ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହି ଶିବିରରେ ବିଡିଓ ଟିଟୋସ ମହାନନ୍ଦିଆ ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ଜିଲାପାଳ ପ୍ରଭୁ ପୀୟୂଷ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ଦାଶ ସହଯୋଗ କରିଥିଲେ। ଏହି ଶିବିରରେ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ତହସିଲଦାର ପ୍ରସନ୍ନ ଟେଟେ, ଏସିଏସ୍ ଓ ଶିବାଶିଷ ଜେନା, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ଏବିଓ କୈବଲ୍ୟ କଅଁର, ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକଙ୍କ ସମେତ ଉପଖଣ୍ଡ, ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ମଞ୍ଚାସୀନ ଅତିଥିମାନେ।

# ଗୋଲଡେନ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଆଠମଲ୍ଲିକ,୨୪।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଲିପିଲୋଇ ସ୍କୁଲ ଖେଳ ପଡ଼ିଆରେ ଗୋଲଡେନ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ମା ବୁଢ଼ୀ ଫୁଟ୍‌ବଲ କ୍ଲବ ଅନୁଗୋଳ ଓ ଗେହ୍ଲା ମା ଫୁଟ୍‌ବଲ କ୍ଲବ ବୌଦ୍ଧ ମଧ୍ୟରେ ଏବଂ ଦିତୀୟ ମ୍ୟାଚ ନେତାଜୀ କ୍ଲବ ଆଠମଲ୍ଲିକ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗେହ୍ଲା ମା ଫୁଟ୍‌ବଲ କ୍ଲବ ୪/୨ ଓ ୪/୨ ଗୋଲରେ ନେତାଜୀ କ୍ଲବ ଆଠମଲ୍ଲିକ ବିଜୟୀ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେସୁଆ, ଲିପିଲୋଇ ଗ୍ରାମ ସଭାପତି ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ଗ୍ରାମ ସଭାପତି ତ୍ରିଲୋଚନ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ପୂର୍ବତନ ସରପଞ୍ଚ ବିଶ୍ୱମ୍ବର ବେହେରା, ଶିକ୍ଷକ ସୁଦର୍ଶନ ଭୋକ୍ତା ଯୋଗଦେଇ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୁଜିତ ରାଜ ହଂସ, ସୁଶୀଲ ବେହେରା, ପପୁନ ବେହେରା, ଅର୍ଜୁନ ନାଏକ, ପ୍ରଫୁଲ୍ଲ କୁମାରେ ସାହ ଖେଳ ପରିଚାଳନା କରିଥିଲେ। ଗୋଲଡେନ କ୍ଲବ ମ୍ୟାନେଜର ମଧୁସୂଦନ ବୁଡ଼ାୟକ, ସଦସ୍ୟ ସଂଗ୍ରାମ ଅମାନ୍ତ, ସୁନୀଲ ପାତ୍ର, ଆକାଶ ମଲ୍ଲିକ, ଅଜୁ ଅମାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବନ୍ତଲା, ୨୪।୨ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ଅଧୀନ ବନ୍ତଲା ବଜାରର ଦୟାନିଧି ସାହୁଙ୍କ ସ୍ତ୍ରୀ ଘଣ୍ଟିସାହୁ (୬୦)ଙ୍କ ସୋମବାର ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ସବୁଦିନ ଭଳି ଘଣ୍ଟି ଘର ପାଖ ସିମନାଳୀ ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଧରି ଫେରି ନ ଥିବାରୁ ଘରଲୋକ ଖୋଜାଖୋଜି କରୁଥିଲା ବେଳ, ସକାଳ ୮ ଟାବେଳେ ଗାଧୋଇବାକୁ ଯାଇଥିବା ପଡୋଶୀ ଘଣ୍ଟିଙ୍କୁ ବନ୍ଧରେ ଭାସୁଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବନ୍ତଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ବନ୍ତଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ଜୁଏଲର୍ସର ସ୍ୱତନ୍ତ୍ର ରିହାତି



ତାଳଚେର,୨୪।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଧରିତ୍ରୀ ଜୁଏଲର୍ସ ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଗଣିତ ଗ୍ରାହକମାନଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି। ଧରିତ୍ରୀ ଜୁଏଲର୍ସ ତାହାର ଗ୍ରାହକଙ୍କ ପାଖରେ ବିଶ୍ୱାସଭାଜନ ହୋଇପାରିଛି। ସମସ୍ତ ଗ୍ରାହକଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଯୋଗୁ ଧରିତ୍ରୀ ଜୁଏଲର୍ସ ପରିବାର ୩୦ ବର୍ଷରେ ପଦାର୍ପଣ କରିପାରିଛି। ଏହି ଅବସରରେ ଧରିତ୍ରୀ ଜୁଏଲର୍ସ ତାର ଗ୍ରାହକମାନଙ୍କ ପାଇଁ ଆଣିଦେଇଛି ନୂତନ ଡିଜାଇନର ରୂପା ଓ ସୁନା ଅଳଙ୍କାର। ୨୫ ତାରିଖ ମଙ୍ଗଳବାର ଧରିତ୍ରୀ ଜୁଏଲର୍ସ ୩୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହି ଦିନ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରିଛି। ଧରିତ୍ରୀ ଜୁଏଲର୍ସ ଅଗଣିତ ଗ୍ରାହକଙ୍କ ପାଇଁ ରୁପା ଅଳଙ୍କାର ଉପରେ ଗଢ଼ାମଜୁରି ସମ୍ପୂର୍ଣ୍ଣ ରିହାତି ଏବଂ ସୁନା ଅଳଙ୍କାର ଉପରେ ଗଢ଼ା ମଜୁରିରେ ୩୦% ରିହାତି ଦେବାକୁ ଘୋଷଣା କରିଛି। ତେଣୁ ଗ୍ରାହକମାନେ ଏହାର ଭରପୁର ଫାଇଦା ଉଠାଇବା ପାଇଁ ଧରିତ୍ରୀ ଜୁଏଲର୍ସ ତରଫରୁ ଅନୁରୋଧ କରାଯାଇଛି।

# ଗ୍ରାମର ବିକାଶ କରିବାକୁ ନିଷ୍ପତ୍ତି



ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଜନପ୍ରତିନିଧି ଓ ଅଧିକାରୀମାନେ।

**ଛେଣ୍ଡିପଦା,୨୪।୨(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପରିସରରେ ସୋମବାର ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ସହକାରୀ ନିର୍ବାହୀଯନ୍ତ୍ରୀ ରଞ୍ଜନ ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅରବିନ୍ଦ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକକୁ ଏବିଡିଓ ହିମାଂଶୁ ନାୟକ ପରିଚାଳନା କରିଥିଲେ। ମଞ୍ଚାସୀନ ଅଧିକାରୀ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିବା ସହିତ ଏ ନେଇ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ହୋଇଥିବା ସ୍ୱତନ୍ତ୍ର ଗ୍ରାମସଭା ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହିତ ଗ୍ରାମସଭାରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଯୋଜନା ମାଧ୍ୟମରେ ଗାଁ ବିକାଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ଅତିଥି ବେହେରା ଲୋକଙ୍କ ବିକାଶ କାର୍ଯ୍ୟରେ ଯେପରି ବାଧା ସୃଷ୍ଟି ନ ହେବ ସେନେଇ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, ରାଇଝରଣ ସରପଞ୍ଚ ରାମଚନ୍ଦ୍ର ବେହେରା, ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ସମିତିସଭ୍ୟ କୁନ୍ତଳା ମାଝୀ, ସୀତା ବେହେରା ସମେତ ବହୁ ନିର୍ବାଚିତ ପ୍ରତିନିଧି ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନା କରିଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

**ବଇଣ୍ଡା,୨୪।୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ମହୀଧରପୁର ଗ୍ରାମର ଶିକ୍ଷକ ପୁରନ୍ଦର ମାଝୀଙ୍କ କିଛିଦିନ ତଳେ ପରଲୋକ ହୋଇଯାଇଥିବାରୁ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ଆଠମଲ୍ଲିକ ଶାଖା ପକ୍ଷରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ସଭାପତି ଖଗେଶ୍ୱର ନାୟକ, ସମ୍ପାଦକ ବିନାୟକ ନାୟକ, ସୁଦର୍ଶନ ବେହେରା, ଶିକ୍ଷକ ସନକ ନାୟକ, ରାମଚନ୍ଦ୍ର ବେହେରା, ପ୍ରମୋଦ କୁମାର ନାୟକ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସାଏ, ସୋମନାଥ ମାଝୀ ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ବାସ ଭବନକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଜନଶୁଣାଣି ଶିବିରରେ ୮ ଅଭିଯୋଗ

**ସନ୍ତ୍ରୀଛକ,୨୪।୨(ସନ୍ତୋଷ ପରିଡ଼ା)**

ବଅଁରପାଳ ବ୍ଲକ ସନ୍ତ୍ରୀ ପଞ୍ଚାୟତ ପରିସରରେ ସୋମବାର ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସଙ୍କ ତତ୍ତ୍ୱାବଧାନରେ ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସନ୍ତ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିରରେ ମୋଟ ୮ ଅଭିଯୋଗର ଶୁଣାଣି ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। ଏବିଡିଓ ମାଧବଚନ୍ଦ୍ର ପାଣିଗ୍ରାହୀ, ଯନ୍ତ୍ରୀ ଗୌତମ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଦୀପ୍ତିକାନ୍ତ ସାହୁ, ନୂଆହତା ଆର୍‌ଆଇ ବିଶ୍ୱଜିତ ମୁଦୁଲି, ସନ୍ତ୍ରୀ ସରପଞ୍ଚ ଟଙ୍କଧର ବେହେରାଙ୍କ ସମେତ ସମସ୍ତ ୱାର୍ଡସଭ୍ୟ, ଏମ୍‌ବିକେ, ସିଆର୍‌ପି ଏବଂ ଗ୍ରାମର ୧୦୦ ରୁ ଉର୍ଦ୍ଧ୍ୱସଂଖ୍ୟାରେ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ସମସ୍ୟାର ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ

**ବଇଣ୍ଡା,୨୪।୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ନୁନୁକାପଶି ପଞ୍ଚାୟତ ସଭାଗୃହ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ସମସ୍ତ ଅଭିଯୋଗ ଗୁଡିକ ଶୁଣାଣି କରିବା ସହ କିପରି ଶୀଘ୍ର ସମାଧାନ ହେବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ଯୋଜନା କିଭଳି ପହଞ୍ଚିବ ସେନେଇ ଅଧିକ ଗୁରୁତ୍ୱ ଦେବାପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ଏବିଇଓ ଜବାହାରଲାଲ ପ୍ରଧାନଙ୍କ ସମେତ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



# ଜଣେ ଅଭିଯୁକ୍ତ ଗିରଫ, ଏସ୍‌ୟୁସିଆଇର ବିକ୍ଷୋଭ

## ବଳାତ୍କାର ପରେ ମହିଳାଙ୍କୁ ହତ୍ୟା ସନ୍ଦେହ ଘଟଣା



ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

**ପାଲଲହଡ଼ା,୨୪।୨ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୃତ ମହିଳାଙ୍କ ସ୍ୱାମୀ ଅଜୁ ନାୟକଙ୍କ ଏତଲା ଆଧାରରେ ପୋଲିସ ୫୦/୨୫ରେ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ଅଭିଯୁକ୍ତ ଅଜୟ ଓରଫ ନୀଳାମ୍ବର ନାଏକଙ୍କୁ ଗିରଫ କରିଥିଲା। ଅଧିକ ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ସନ୍ଦେହ କରି ଏସ୍‌ୟୁସିଆଇ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ଜିଲା ସଂଯୋଜକ ପରମାନନ୍ଦ ସାହୁ ଏବଂ ନାରୀନେତ୍ରୀ ମୀନତି ସାମଲ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନାପସନ୍ଦ କରିବା ସହିତ ଘଟଣାକୁ ଚାପି ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଅନ୍ୟ ଦୋଷୀଙ୍କୁ ଗିରଫ କରିବା ସହିତ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବାକୁ ପାଲଲହଡା ଥାନା ଅଧିକାରୀଙ୍କ ଜରିଆରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ।

# ୮ ସଦସ୍ୟ ରାଜ୍ୟ ପରିଷଦକୁ ନିର୍ବାଚିତ



ନିର୍ବାଚିତ ୮ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଅନୁଗୋଳ,୨୪।୨ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଭାଜପା ସଙ୍ଗଠନ ପର୍ବରେ ଜିଲାର ସହ ନିର୍ବାଚନ ଅଧିକାରୀ ସୁଦୀପ ଗଡ଼ନାୟକ ୮ ଜଣ ସଦସ୍ୟ ରାଜ୍ୟ ପରିଷଦକୁ ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ନିର୍ବାଚିତ ଏହି ନେତାମାନେ ହେଲେ ବସନ୍ତ ମଞ୍ଜରୀ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ନରେଶ ଚନ୍ଦ୍ର ବେହେରା, ମନୋରଞ୍ଜନ ଜେନା, ଯଶ୍ୱବନ୍ତ ପ୍ରସାଦ ବେହେରା, ରୋଜାଲିନ ଦାସ, ପରେଶ ଦେଓ ଓ ଭବାନୀ ଜ୍ୟୋତିଷ ରାୟ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲା ସଭାପତି ଦିଲେଶର ପ୍ରଧାନ, ବରିଷ୍ଠ ନେତା ନୃସିଂହ ବରାଳ ଓ ଚୌଧୁରୀ ପ୍ରଧାନ ଜିଲା କାର୍ଯ୍ୟାଳୟରେ ଉପସ୍ଥିତ ରହି ସମ୍ପୃକ୍ତ ୮ ଜଣ ରାଜ୍ୟ ପରିଷଦ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଦୋକାନ ସିଲ୍ କଲା ପୌରପାଳିକା

**ଅନୁଗୋଳ,୨୪।୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହରର କେତେଜଣ ଦୋକାନୀ ଅଳିଆ ଆବର୍ଜନା ଏଣେତେଣେ ପକାଇ ପରିବେଶ ଦୂଷିତ କରୁଥିବା ବେଳେ ପୌରପାଳିକା ତରଫରୁ ବାରମ୍ବାର ତାଗିଦ ସତ୍ତ୍ୱେ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ବଜାରରେ ଦିନକୁ ଦୁଇ ଥର ଅଳିଆ ଗାଡି ଯିବା ପରେ ବି ଦୋକାନରୁ ବାହାରୁଥିବା ଅଳିଆକୁ ରାସ୍ତା ଉପରେ ଫୋପାଡ଼ି ଦେଉଥିଲେ। ସୋମବାର ସକାଳୁ ପୌରନିର୍ବାହୀ ଅଧିକାରୀ ନିଜେ ବୁଲି ଦେଖିବା ବେଳେ ପୁରୁଣା ବସ୍‌ଷ୍ଟାଣ୍ଡ ପାଖରେ ଥିବା ଏକ ଦୋକାନରେ ବେଆଇନ ଭାବେ ମଦ ବିକ୍ରି କରିବା ସହ ବ୍ୟବହାର ହୋଉଥିବା ପ୍ଲାଷ୍ଟିକ ଗ୍ଲାସଗୁଡିକ ଦୋକାନ ଆଗରେ ପକାଯାଇଥିବା ଦେଖି ଦୋକାନୀକୁ ତାଗିଦ୍ କରିଥିଲେ ଓ ଦୋକାନ ସିଲ୍ କରିଥିଲେ। ଠେଲାଗାଡି ଗୁଡିକ ରାସ୍ତା ଉପରେ ରହି ବ୍ୟବସାୟ କରୁଥିବାରୁ ଟ୍ରାଫିକ ଜାମ ଅଧିକାଂଶ ସମୟ ଲାଗିରହୁଥିବା ବେଳେ ପୌରପାଳିକା ପକ୍ଷରୁ ଠେଲାଗୁଡିକ ହଟାଯାଇଥିଲା। ଆଗକୁ ଯେଉଁ ଦୋକାନୀ ନିୟମ ଭାଙ୍ଗିବେ ପୌରପାଳିକା ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି।



ପୌର କର୍ମଚାରୀ ଦୋକାନ ସିଲ୍ କରୁଛନ୍ତି।

# ମାତୃଭାଷାର ଗୁରୁତ୍ୱ ଯଥେଷ୍ଟ

**ତାଳଚେର,୨୪।୨(ମନୋଜ ନନ୍ଦ)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ବିରଞ୍ଚି ନାରାୟଣ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସଂଯୁକ୍ତା ବେବର୍ତ୍ତା, ପ୍ରାଧ୍ୟାପକ ଅମରେନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଚକ୍ରଧର ମଲ୍ଲିକ, ଡ. ସନ୍ତୋଷ କୁମାର ପାତ୍ର, ସୁନୀତା ସାହୁ, ଡ. ସରୋଜ ରଥ ଏବଂ ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ଯୋଗଦେଇ ଭାଷା ହିଁ ମଣିଷର ଭାବକୁ ପରିପ୍ରକାଶ କରିଥାଏ। ମାତୃଭାଷାର ଉନ୍ନତିରେ ବ୍ୟକ୍ତିଠାରୁ ଆରମ୍ଭ କରି ସମଗ୍ର ବିଶ୍ୱର ମଙ୍ଗଳ ବିଧାନ ହୋଇଥାଏ। ଓଡ଼ିଆ ଭାଷାର ଐତିହ୍ୟ ଅତି ପୁରାତନ ଓ ମାତୃଭାଷା ରୂପେ ଏହାର ଗୁରୁତ୍ୱ ଯଥେଷ୍ଟ ବୋଲି ଅତିଥିମାନେ ମତ ଦେଇଥିଲେ। ଅଧ୍ୟାପକ ସତ୍ୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ଜିତେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଭଗବାନ ସିଂହ, ଅଧ୍ୟାପିକା ଡ. ରଶ୍ମିନନ୍ଦିତା ଜେନା ଓ ଅଧ୍ୟାପକ ହରେଶ ଚନ୍ଦ୍ର ବେହେରା ସହଯୋଗ କରିଥିଲେ।



ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅତିଥିମାନେ।

# ମାତୃଭାଷାର ସୁରକ୍ଷା ପାଇଁ ସଂକଳ୍ପ ନିଅ

**ଛେଣ୍ଡିପଦା,୨୪।୨(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ଥିବା କର୍ତ୍ତବ୍ୟ ସମ୍ପର୍କରେ ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ସମସ୍ତ କ୍ଷେତ୍ରରେ ମାତୃଭାଷାର ବ୍ୟବହାର ଓ ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ କବିତା ଆବୃତ୍ତି ଆସର ଓ ମାତୃଭାଷା ସମ୍ପର୍କିତ ଖୋଲା ମଞ୍ଚ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିବେକାନନ୍ଦ ହାଉସ ପ୍ରଥମ, ଦୟାନନ୍ଦ ହାଉସ ଦ୍ୱିତୀୟ ଏବଂ କବିତା ଆବୃତ୍ତିରେ ଛାତ୍ରୀ ସୁଶ୍ରୀ ସ୍ୱଦେଶ୍ନା ସ୍ୱାଇଁ ପ୍ରଥମ, ପାୟଲ ରାଉତ ଦ୍ୱିତୀୟ ଓ ଦିଶା ପ୍ରିୟଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ମାତୃଭାଷା ଦିବସର ଶପଥ ପାଠ କରାଯାଇଥିଲା। ଓଡ଼ିଆ ଶିକ୍ଷକ ସରୋଜ ଭୂତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଅତିଥିମାନେ।

# ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନତା

**ବନ୍ତଳା,୨୪।୨(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଅନ୍ତୁଲିଆ ପଞ୍ଚାୟତ ତାବଡା ଗ୍ରାମରେ ଦୁର୍ଗାପୁର ରେଞ୍ଜ ଜରପଡ଼ା ସେକ୍ସନ ତରଫରୁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଓ ବନପାଳ ବସନ୍ତ ଦେହୁରୀ, ସାମାଜିକ କର୍ମୀ ଡ. ଚିନ୍ମୟୀ ଦାସ, ରାଜେନ୍ଦ୍ର କୁମାର ପ୍ରଧାନ ଓ ୟୁଟ୍ୟୁବର ଅନୁଗୋଳିଆ ଟୋକା ସିପୁ ଉପସ୍ଥିତ ରହି ଜଙ୍ଗଲ ହେଉଛି ଆମ ମା', ଜଙ୍ଗଲକୁ ଭଲପାଇବା ଏବଂ ସୁରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ସଚେତନତାର ବାର୍ତ୍ତା ଦେଇଥିଲେ। ଏହାସହ ଜଙ୍ଗଲର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଖରାଦିନରେ ଜଙ୍ଗଲରେ ନିଆଁ ନ ଲଗାଇ, ବନ୍ୟଜନ୍ତୁ ଶୀକାର ନ କରି ଜଙ୍ଗଲକୁ ଭଲ ପାଇବା ଏବଂ ଗଛ କାଟିବା ନାହିଁ, ସମସ୍ତେ ଗଛଟିଏ ଲଗାଇବା ବୋଲି ଅତିଥିମାନେ ଅଭିଭାଷଣ ରଖିଥିଲେ। ସଚେତନ ଶିବିରରେ ତାବଡ଼ା ଗ୍ରାମବାସୀଙ୍କ ସମେତ ମହିଳା ଓ ଛୋଟପିଲା ଉପସ୍ଥିତ ଥିଲେ। ବନ ବିଭାଗର ସମସ୍ତ ବନରକ୍ଷୀଙ୍କ ସମେତ କର୍ମଚାରୀ, ୱାଚର ସହଯୋଗ କରିଥିଲେ।



ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି।

# ମାତୃଭାଷା ଦିବସ ଉପରେ ଆଲୋକପାତ




ନାଲ୍‌କୋନଗର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଅଁରପାଳ,୨୪।୨(ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋନଗର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ସାହିତ୍ୟ ସଂସଦ ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତି ଏବଂ ସଭାପତି ସ୍ନିଗ୍ଧାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ମାତୃଭାଷା ଦିବସ ଉପରେ ଆଲୋକପାତ କରିଥିଲେ। ଦେବରାଜ ମୂଳିଆ ମାତୃଭାଷା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ସାମୂହିକ ସଙ୍ଗୀତ ଗାନ କରିଥିଲେ। ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପାଧ୍ୟକ୍ଷା ସସ୍ମିତା ମହାନ୍ତି, ପ୍ରଣତୀ ପାଢୀ, ମୋନାଲିସା ଦାସ, ସୀତାକାନ୍ତ ମିଶ୍ର, ଈଶ୍ୱର ଚନ୍ଦ୍ର ସାହୁ, ଉଦ୍ଧବ ପାତ୍ର, ନରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମାତୃଭାଷା ଦିବସ ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଶ୍ରେୟାଂଶ୍ରୀ ମିଶ୍ର, ପ୍ରିନ୍ସ ରାଉତ, ଦେବସ୍ମିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷାକୁ ଆଗକୁ ନେବାକୁ ଶପଥ

**ସନ୍ତ୍ରିଛକ,୨୪।୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ମାତୃଭାଷା କେମିତି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିବା ସେ ନେଇ ଛୋଟପିଲାଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ଗୁରୁଜୀ, କୃତାର୍ଥ ଗୁରୁଜୀ, ଚିନ୍ମୟ ଗୁରୁଜୀ, ନର୍ମଦା ଗୁରୁମା, ମୋନାଲିସା ଗୁରୁମା ଉପସ୍ଥିତ ଥିଲେ। ସମସ୍ତ ଗୁରୁଜୀ, ଗରୁମା, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଓଡ଼ିଆ ଭାଷାକୁ ଆଗକୁ ନେବା ପାଇଁ ଶପଥ ନେଇଥିଲେ।

# ଶିକ୍ଷକ ସମାଜ ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରନ୍ତୁ



ଧରଣୀଧର ପବ୍ଲିକ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବରେ ଅତିଥିମାନେ।

**ବଇଣ୍ଡା, ୨୪।୨(ପରିକ୍ଷିତ ସାହୁ)**

ପିଲାମାନେ କିଭଳି ଭଲ ମଣିଷ ହେବେ ସେ ନେଇ ଶିକ୍ଷକ ସମାଜ ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରନ୍ତୁ। କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଧରଣୀଧର ପବ୍ଲିକ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଏହି ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ସଭାପତି ପ୍ରିୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ମଦନମୋହନ ବେହେରା, ଅଧ୍ୟାପକ ନିରଞ୍ଜନ ଦାସ, ବିଦ୍ୟାଳୟ ସମ୍ପାଦକ ମାନସ କୁମାର ସାହୁ, ବିଦ୍ୟାଳୟ ଅଧ୍ୟକ୍ଷ ସୌରଭ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପ୍ରଶାସକ ନବୀନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଜିତ୍ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଳକା ଦେହୁରୀ, ସୋମା କୁରେଶୀ, ରତ୍ନ ମଞ୍ଜରୀ ସାହୁ, ସୁଜାତା ସାହୁ, ଦୀପ୍ତିମୟୀ ମିଶ୍ର, ସୁଶାନ୍ତ ଦେ, ମମତା ବୋଷ, ଦେବାଶିଷ ସାହୁ, ମାନସ କୁମାର ସାଥୁଆ ପ୍ରମୁଖ ସହଯୋଗ କରିଥିଲେ।

